**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**05 MAY– 2026**

# ବିଧାନସଭା ନିର୍ବାଚନ ଫଳାଫଳ

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି । ପଶ୍ଚିମବଙ୍ଗ ଓ ଆସାମରେ ବିଜେପିକୁ ବିପୁଳ ଜନାଦେଶ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜନଶକ୍ତିର ବିଜୟ ସହ ପରିବର୍ତ୍ତନର ସମୟ ଆସିଛି । ଏଥିପାଇଁ ସେ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପଶ୍ଚିମବଙ୍ଗରେ ବିଜେପିକୁ ମୋଟ୍ ୨୦୬ଟି ଆସନ ମିଳିଥିବା ବେଳେ ତୃଣମୂଳ କଂଗ୍ରେସକୁ ୮୧ଟି ଆସନ ମିଳିଛି । ଆସାମରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ୧୦୨ଟି ଆସନ ମିଳିଥିବା ବେଳେ ତୃତୀୟ ଥର ପାଇଁ ବିଜେପି ସେଠାରେ ସରକାର ଗଠନ କରିବାକୁ ଯାଉଛି । ତାମିଲନାଡୁରେ ଟିଭିକେ କୁ ୧୦୮ଟି ଆସନ, କେରଳରେ ୟୁଡିଏଫ୍‌କୁ ୮୫ଟି ଆସନ ଏବଂ ୩୦ବିଧାନସଭା ଆସନ ବିଶିଷ୍ଟ ପୁଡୁଚେରୀରେ ଏନ୍‌ଡିଏ ୧୮ଟି ଆସନ ଅକ୍ତିଆର କରିଛି ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ଓଡ଼ିଶାରେ ପୁଞ୍ଜି ନିବେଶ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ଗୁଜରାଟକୁ ତିନିଦିନିଆ ଗସ୍ତରେ ଯାଉଛନ୍ତି। ଗସ୍ତ ଅବସରରେ ଶ୍ରୀ ମାଝୀ ଅହମ୍ମଦାବାଦ, ମୁନ୍ଦ୍ରା ଓ

ଭଦୋଦରାରେ ରୋଡ୍‌ଶୋ, ରାଉଣ୍ଡଟେବୁଲ ବୈଠକ ଓ ଉଦ୍ୟୋଗପତିମାନଙ୍କ ସହ ଆଲୋଚନା କରିବେ । ଏହି ଗସ୍ତ ମାଧ୍ୟମରେ ନୂତନ ନିବେଶ, ଶିଳ୍ପ ବିକାଶ ଓ ରାଜ୍ୟରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ପୂର୍ବରୁ ହାଇଦ୍ରାବାଦ ଓ କୋଲକାତାରେ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ରାଜସ୍ୱମନ୍ତ୍ରୀଙ୍କ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ ବିଭାଗୀୟ କାର୍ଯ୍ୟସମୀକ୍ଷା କରି ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ ଓ ପାରଦର୍ଶୀ କରିବାକୁ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ରାଜସ୍ୱ ସେବା ସଂପର୍କିତ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପର ସମୀକ୍ଷା କରାଯାଇଥିଲା। ବସୁନ୍ଧରା ଯୋଜନାରେ ବାସହୀନ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ, ଜମି ବର୍ଗୀକରଣ ସରଳୀକରଣ ଓ ପ୍ରଶାସନିକ ସ୍ୱଚ୍ଛତା ବୃଦ୍ଧି ପାଇଁ ନୂତନ ବଦଳି ନୀତିକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

## ଓଡ଼ିଶା ବୋଟ୍ ନିୟମ

ଚିଲିକା ହ୍ରଦରେ ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡିଶା ବୋଟ୍ ନିୟମ ୨୦୦୪ କଡାକଡି ଭାବେ ଲାଗୁ

କରାଯାଇଛି। ଗ୍ରୀଷ୍ମ ଓ ମୌସୁମୀ ଋତୁରେ କାଳବୈଶାଖୀ ଏବଂ ପ୍ରତିକୂଳ ପାଗ ଯୋଗୁଁ ଦୁର୍ଘଟଣା ଆଶଙ୍କା ବଢୁଥିବାରୁ ସମସ୍ତ ବୋଟ୍ ଓ ଡଙ୍ଗାରେ ଯାତ୍ରୀଙ୍କ ପାଇଁ ଜୀବନରକ୍ଷାକାରୀ ଜ୍ୟାକେଟ ଓ ଆନୁସଙ୍ଗିକ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ବୋଟ୍ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନକୁ ବାରଣ କରାଯାଇଛି । ନିୟମ ଉଲ୍ଲଂଘନ କଲେ ପଞ୍ଜିକରଣ ରଦ୍ଦ ସହ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଅଧ୍ୟାପକ ନିଯୁକ୍ତି

ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ୪ଟି ବିଶ୍ୱବିଦ୍ୟାଳୟରେ ସହାୟକ ଏବଂ ସହକାରୀ ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅବଶିଷ୍ଟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଖାଲି ପଦବୀ ପୂରଣ ପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

---

# ଓଜେଇଇ

ରାଜ୍ୟରେ ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-ଓଜେଇଇ ଆରମ୍ଭ ହୋଇଛି । ଗତକାଲି ୩ଟି ପର୍ଯ୍ୟାୟରେ ବିଏସ୍‌ସି ନର୍ସିଂ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଆଜି ୨ଟି ପର୍ଯ୍ୟାୟରେ ପରୀକ୍ଷା ହେବ ବୋଲି ଜଣାପଡ଼ିଛି ।

---

# ସିପିଇଟି

ରାଜ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜିଠାରୁ ଏକକ ପ୍ରବେଶିକା ପରୀକ୍ଷା-ସିପିଇଟି ଆରମ୍ଭ ହେବ । ପ୍ରତ୍ୟେକ ଦିନ ୨ଟି ପର୍ଯ୍ୟାୟରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ । ଚଳିତବର୍ଷ ମୋଟ୍ ୩୧ ହଜାର ୯୧୫ଟି ସିଟ୍ ପାଇଁ ୫୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି ।

# ଧରଣୀଧର ନାୟକଙ୍କ ଜୟନ୍ତୀ

ବିପ୍ଳବୀବୀର ଧରଣୀଧର ନାୟକଙ୍କ ୧୬୨ତମ ଜୟନ୍ତୀ ଅବସରରେ ରାଜ୍ୟବାସୀ ତାଙ୍କର ଅମ୍ଳାନ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି ଅବସରରେ ଆଜି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପମାଲ୍ୟାର୍ପଣ କରୁଛନ୍ତି । ସନ୍ଧ୍ୟାରେ ଜୟଦେବ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

# ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ଛତ୍ରପୁରର ଆରାଧ୍ୟ ଦେବୀ ମା ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା ଗତକାଲିଠାରୁ ଆରମ୍ଭ ହୋଇଛି । ବିଳମ୍ବିତ ରାତିରେ ଆଜ୍ଞାମାଳ ଆସିବା ପରେ ମା ବାପଘର ଅଭିମୁଖେ ପ୍ରସ୍ଥାନ କରିଛନ୍ତି ।

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତକାଲି ବୌଦ୍ଧଠାରେ ଦିନର ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଥିଲା ।

# ମହିଳା କ୍ରିକେଟ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଆନ୍ତଃଜିଲ୍ଲା ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗୀର ଚମ୍ପିୟାନ ହୋଇଛି। ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ବଲାଙ୍ଗୀର' ଭୁବନେଶ୍ୱରକୁ ୬ ୱିକେଟ୍‌ରେ ପରାସ୍ତ କରିଥିଲା। ଏହି ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିଲା ।

# ସିଏମ୍ ଟ୍ରଫି

ମାଲକାନଗିରି ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ସିଏମ୍ ଟ୍ରଫି ଆନ୍ତର୍ଜିଲ୍ଲା ଫୁଟବଲ, କବାଡି, ଭଲିବଲ ଓ ଖୋ-ଖୋ ଚାମ୍ପିୟାନସିପ୍ ଉଦଯାପିତ ହୋଇଛି। ଜିଲ୍ଲାର ୭ଟି ବ୍ଲକରୁ ୯ଶହରୁ ଅଧିକ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରିଥିଲେ।